# ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ, କେନ୍ଦୁପାଟଣା

ସା.-କୁଳିଆ, ପୋ. : ସୁନାଖଣ୍ଡି, ଜିଲ୍ଲା : କଟକ,

ପତ୍ର ସଂଖ୍ୟା :......୩୪୪.......

ତାରିଖ :...୨୨/୦୮/୨୦୨୨

ଏତଦ୍ୱାରା ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା ଅଧିନସ୍ଥ ସମସ୍ତ ଚାଷୀ ଭାଇ, ଭଉଣୀ ଓ ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରୀତ ବଜାର କମିଟି ଅନ୍ତର୍ଗତ କଟକ ଦକ୍ଷିଣ ଦେଉଳସାହିସ୍ଥିତ କୃଷକ ବଜାର ପ୍ରାଙ୍ଗଣ ମଧ୍ୟରେ ୧୮ ଗୋଟି ଦୋକାନଗୃହ (ସଣ୍ଡିସପ୍) ଓ ୩ ଗୋଟି କ୍ଷୁଦ୍ର ଗୋଦମ ଗୃହଗୁଡ଼ିକୁ ମାସିକ ଭଡ଼ା ସୂତ୍ରରେ ନିମ୍ନ ନିୟମାବଳୀ ଅନୁଯାୟୀ ଆବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

୧. ଆବେଦନକାରୀ କଟକ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ଆବେଦନକାରୀ ଆବେଦନ ପତ୍ର ସହିତ ନିଜର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ଼ର ଅବିକଳ ନକଲ ସଂଲଗ୍ନ କରିବେ ।

୩. ଜଣେ ଆବେଦନକାରୀ ପ୍ରସ୍ତାବିତ ଦୋକାନଗୃହ ଓ କ୍ଷୁଦ୍ର ଗୋଦାମ ଗୃହ ମଧ୍ୟରୁ ଯେକୌଣସି ଗୋଟିକ ପାଇଁ ଆବେଦନ କରିପାରିବେ ।

୪. ଦୋକାନ ଗୃହଗୁଡ଼ିକ କେବଳ କୃଷି ଓ ଆନୁସଙ୍ଗିକ ଦ୍ରବ୍ୟର କ୍ରୟ ବିକ୍ରୟ ଓ ରକ୍ଷଣ ପାଇଁ ଉଦ୍ଦିଷ୍ଟ ।

୫. ଆବେଦନକାରୀ ଉପରୋକ୍ତ ଦୋକନ ଗୃହ ଓ ଗୋଦାମ ଗୃହ ନିମିତ୍ତ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା ତରଫରୁ ଏକ ସ୍ୱତନ୍ତ୍ର ଆବେଦନ ପତ୍ର କୃଷକ ବଜାର, କଟକ ଦପ୍ତରରେ ତା ୨୬.୦୮.୨୦୨୨ ରିଖ ଠାରୁ ତା ୦୫.୦୯.୨୦୨୨ ରିଖ ପର୍ଯ୍ୟନ୍ତ (ସରକାରୀ କାର୍ଯ୍ୟ ଦିବସରେ) ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ଠାରୁ ଅପରାହ୍ନ ଘ.୫.୩୦ ମିନିଟ୍ ମଧ୍ୟରେ ଫର୍ମର ଧାର୍ଯ୍ୟ ମୂଲ୍ୟ ଟ ୨୦୦/- (ଦୁଇଶହ ଟଙ୍କା)ମାତ୍ର ଦାଖଲକରି ପ୍ରାପ୍ତ ହେବେ ।

୬. ଦୋକାନ ଗୃହ ଓ କ୍ଷୁଦ୍ର ଗୋଦାମ ଗୃହ ନିମିତ୍ତ ଅମାନତ ରାଶି ଟ ୫୦,୦୦୦/- (ପଚାଶ ହଜାର ଟଙ୍କା) ଏବଂ ମାସିକ ଭଡ଼ା ଯଥାକ୍ରମେ ଟ ୨,୫୦୦/- (ଦୁଇ ହଜାର ପାଞ୍ଚଶହ ଟଙ୍କା) ଓ ଟ ୩୦୦୦/- (ତିନି ହଜାର ଟଙ୍କା) ନିର୍ଦ୍ଧାରିତ ହୋଇଅଛି ।

୭. ଆବେଦନ ପତ୍ର ସହ ଆବେଦନକାରୀ ପ୍ରସ୍ତାବିତ ଦୋକାନ ଗୃହ ନିମିତ୍ତ ଅମାନତ ରାଶି ବାବଦକୁ ଟ ୫୦,୦୦୦/- (ପଚାଶ ହଜାର ଟଙ୍କା) ସଂପାଦକ, ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା, କଟକ (In favour of Secretary, Regulated Market Committee, Kendupatna) ଦେୟ -ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁପାଟଣା ଶାଖାଙ୍କ ସପକ୍ଷରେ ଏକ ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିବେ । ଅନ୍ୟଥା ଆବେଦନଟିକୁ ବିଚାରକୁ ନିଆଯିବ ନାହିଁ । ଦୋକାନଗୃହ କିମ୍ବା କ୍ଷୁଦ୍ର ଗୋଦାମ ଗୃହ ପାଇବାରୁ ବଂଚିତ ଆବେଦନକାରୀଙ୍କ ଅମାନତ ରାଶି ଫେରସ୍ତ ଦିଆଯିବ ।

୮. ଆବେଦନ ପତ୍ରଟିକୁ ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ପୂରଣ କରି ତା ୧୩.୦୯.୨୦୨୨ ରିଖ ଅପରାହ୍ନ ଘ.୫.୩୦ ମିନିଟ୍ ମଧ୍ୟରେ ଉପଜିଲ୍ଲାପାଳ, ସଦର କଟକ, ସା./ପୋ: ଚାନ୍ଦିନୀଚୌକ, କଟକ-୭୫୩୦୦୨ଙ୍କ ଦପ୍ତରରେ ଥିବା ଡ୍ରପିଙ୍ଗ ବକ୍ସରେ ପହଞ୍ଚିବା ନିତାନ୍ତ ଆବଶ୍ୟକ । ଏହା ପ୍ରତ୍ୟକ୍ଷ ଭାବରେ ଡ୍ରପିଙ୍ଗ ବକ୍ସରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଉକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିପାରିବେ ।

୯. ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଯାଞ୍ଚ କମିଟି ଦ୍ୱାରା ତା ୧୪.୦୯.୨୦୨୨ ରିଖ ୧୧ ଘଟିକା ସମୟରେ ଯାଞ୍ଚ କରାଯାଇ ବୈଧ ଅବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ଓ ଆବଶ୍ୟକସ୍ଥଳେ ଲଟେରୀ ମାଧ୍ୟମରେ ଚୟନ କରାଯିବ । ଏଥିପାଇଁ ଆବେଦନକାରୀମାନଙ୍କୁ ନିବେଦନ ଏହିକିଯେ, ସେମାନେ ତା ୧୪.୦୯.୨୦୨୨ ରିଖ ଦିବା ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, ସଦର, କଟକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରିବେ ।

୧୦. ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇସାରିବା ପରେ ଯଦି କୌଣସି ଯୋଗ୍ୟବିବେଚିତ ପ୍ରାର୍ଥୀ ନିଜ ଆବଣ୍ଟିତ ଦୋକାନଘର / ଗୋଦାମ ଗୃହକୁ ପ୍ରତ୍ୟାହାର କରିବାକୁ ଚାହାନ୍ତି ସେପରିସ୍ଥଳେ ଚାଷୀଙ୍କର ଜମାରାଶିରୁ ଟ ୧୦ ହଜାର ଟଙ୍କା ବାଦ୍‌ଦେଇ ଅବଶିଷ୍ଟ ଟଙ୍କା ଫେରସ୍ତ ଦିଆଯିବ ।

ଉକ୍ତ ବିଜ୍ଞାପନ ମାଧ୍ୟମରେ ଗ୍ରହଣ କରାଯାଇଥିବା ସମସ୍ତ ଆବେଦନକୁ ବିନା ନୋଟିସରେ ନାକଚ କରିବା ପାଇଁ ଉପଜିଲ୍ଲାପାଳ, ସଦର କଟକ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା କ୍ଷମତାପ୍ରାପ୍ତ ଅଟନ୍ତି ।

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ

(signature) ୨୨/୦୮/୨୨

ସଂପାଦକ

ନିୟନ୍ତ୍ରୀତ ବଜାର କମିଟି, କେନ୍ଦୁପାଟଣା